## ବିଭିନ୍ନ ସ୍ଥାନରେ ଆମ୍ବେଦକର ଜୟନ୍ତୀ

# 'ଆମ୍ବେଦକରଙ୍କ ଜନ୍ମ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପୁନର୍ଜନ୍ମ ସଦୃଶ'

ରାଉରକେଲା, ୧୪।୪(ସମିସ)



ରାଉରକେଲା ଷ୍ଟିଲପ୍ଲାଣ୍ଟ (ଆରଏସପି) ଏବଂ ସେଲଫ, ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ମହାସଂଘ ଦ୍ୱାରା ଭାରତ ରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସହିତ ନିର୍ବାହୀ ନିର୍ଦ୍ଦେଶକ ବି.କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ ଏମ୍.ପି. ସିଂହ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ), ସୁଦୀପ ପାଲ ଚୌଧୁରୀ, ସିଏମଓ ଇନଚାର୍ଜ ଡ. ଜୟନ୍ତ କୁମାର ଆଚାର୍ଯ୍ୟ, ସିଜିଏମ ଇନଚାର୍ଜ ଆର୍. ଦାସଗୁପ୍ତା ଏବଂ କାରଖାନାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ସେଲଫ, ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ମହାସଂଘର ସଭାପତି ଭଗବାନ ସେଠୀ ଏବଂ ଅନ୍ୟାନ୍ୟ ପ୍ରତିନିଧିମାନେ ସେକ୍ଟର-୧୭ ଆମ୍ବେଦକର ପ୍ରାଙ୍ଗଣରେ ଆମ୍ବେଦକରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସିଭିକ୍ ସେଣ୍ଟରରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଆରଏସପି ଡିଆଇସି ଆଲୋକ ବର୍ମା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଡିଆଇସି ଶ୍ରୀ ବର୍ମା ବାବା ସାହେବଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ଜନନେତା ଏବଂ ସାମ୍ୟ ଏବଂ ମାନବିକ ମର୍ଯ୍ୟାଦାର ମୂର୍ତ୍ତି ଭାବରେ ବର୍ଣ୍ଣନା କରି କରିଥିଲେ। ପ୍ରଖ୍ୟାତ ଶିକ୍ଷାବିତ୍ ଡ. ଅଭିରାମ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଲେ ଆମ୍ବେଦକରଙ୍କ ଜନ୍ମ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ପୁନର୍ଜନ୍ମ ସଦୃଶ, କାରଣ ଏହା ସେହି ମୁହୂର୍ତ୍ତକୁ ଚିହ୍ନିତ କରିଥିଲା; ଯେତେବେଳେ ଭାରତର ଜନସାଧାରଣ ପ୍ରକୃତରେ ସମାନ ସ୍ଥିତି ଏବଂ ଅଧିକାର ସହିତ ନାଗରିକ ହୋଇଥିଲେ। ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର ବିଜେତା ଏସ୍ଏସ୍ଆରଇଏମ ଇସ୍ପାତ ବିଦ୍ୟା ମନ୍ଦିରର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ, ବାସନ୍ତୀ କଲୋନୀ ଡିଏଭି ପବ୍ଲିକ୍ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଅନୁଷ୍କା ସିଂହ ଏବଂ ସେଣ୍ଟପଲ୍ସ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଲିନାଶା ସାହୁ ଯଥାକ୍ରମେ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀରେ ବାବା ସାହେବଙ୍କ ବିଷୟରେ ବର୍ଣ୍ଣନା କରିଥିଲେ। ସେଲଫ, ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ତଥା ଡେପୁଟି ମ୍ୟାନେଜର (ଏଚଆର - ଟାଉନ୍ ଓ ମେଡିକାଲ୍) ଏସ୍ସି ପରିଚ୍ଛା ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ

ରାଉରକେଲା : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ଆମ୍ବେଦକର ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ଡା. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ରାଉରକେଲାର ଆଇଟିଡିଏ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଆୟୁକ୍ତ ଦୀନା ଦସ୍ତଗିର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କହିଥିଲେ ଯେ ଡ. ଭୀମରାଓ ଆମ୍ବେଦକର ସମ୍ବିଧାନରେ ସମାଜର ସବୁ ବର୍ଗର ଲୋକମାନଙ୍କ ଅଧିକାର ସୁରକ୍ଷିତ ରଖିବା ପାଇଁ ବ୍ୟବସ୍ଥା କରିଛନ୍ତି। ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷକ ହିମାଂଶୁ ଶେଖର ସାହୁ ବାବା ସାହେବଙ୍କ ଜୀବନ ସଂଘର୍ଷ ଉପରେ ଆଲୋକପାତ କରିଥିଲେ। ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ସହାୟକ ଜିଲ୍ଲାପାଳ ହରେକୃଷ୍ଣ ସାହୁ, ମୁରଲୀଧର ଜୟପୁରିୟ, ବଣାଇ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ଯୋଗ ଦେଇ ତାଙ୍କର ଆଦର୍ଶକୁ ମନେ ପକାଇ ଥିଲେ। କାର୍ଯ୍ୟକ୍ରମର ପରିଚାଳନା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା କରିଥିଲେ। ଏହି ଅବସରରେ ଅମ୍ବେଦକର ସ୍ମୃତି କମିଟିର ସଭାପତି ହଳଧର ମହାନନ୍ଦ, ସଚିବ ମଚିନ୍ଦ୍ର କଲେତ କମିଟିର ସଦସ୍ୟ ଓ ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀ ଅଭିଭାବକ ଉପସ୍ଥିତ ଥିଲେ।

## ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ

ରାଉରକେଲା: ସୁନ୍ଦରଗଡ଼ ଜିଲ୍ଲାର ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି।



ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦର ସଭାପତି ସଦାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଜିଲ୍ଲା ଶିକ୍ଷାଧିକାରୀ ମୁରଲୀଧର ବେହେରା, ବିଶେଷ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଯୋଗେଶ ନାଏକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା ଓ ବଣେଇ ଗୋଷ୍ଠୀ ଶିକ୍ଷାଧିକାରୀ ସୁନିଲ ମୁଣ୍ଡୁ, ମୁଖ୍ୟବକ୍ତା ଭାବେ ଆସିଷ୍ଟାଣ୍ଟ ପ୍ରଫେସର, ଦେବେନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଏସିଏଫ୍ ଦୁର୍ଯ୍ୟୋଧନ ଜେରେଇ, ଏସିଏଫ ହାରସ ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। କୋର୍ କମିଟି ମେମ୍ବର ବିନୋଦ ଲାକ୍ରା, ସୁଶାନ୍ତ ଓରାମ, ତାସହ ସଦସ୍ୟ ଭାରତୀ, ଓରାମ, ପବିତ୍ର ପାତ୍ର, ସୁଶିଲ ବାଡିଙ୍ଗ, ପବିତ୍ର ପାତ୍ର, ମମତା ଥାଲକୋ, ଆଶ୍ରିତା ଏକ୍କା, ହରିହର ମଲ୍ଲିକ, ବିଜୟ ସାରେ, ଆଲୋକ ଭୋଇ, ହରିହର ବେହେରା, ମନିଷା ଟପୋ, ବାସୁଦେବ, ଭରତ ସାହୁ ସହ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ। ଅର୍ଜୁନ ରୋହି ଦାସ୍ ମଞ୍ଚ ପରିଚାଳନା କରିଥିଲେ। ସଦାନନ୍ଦ ପଧାନ ଧନ୍ୟବାଦ ଦେଇଥିଲେ।

# ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ

ରାଉରକେଲା, ୧୪।୪(ସମିସ): ରାଉରକେଲାର ସାହିତ୍ୟ ଅନୁଷ୍ଠାନ ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ସାରନଗରୀ ସ୍ଥିତ ଏହାର କାର୍ଯ୍ୟାଳୟଠାରେ ଓଡ଼ିଆ ନବ ବର୍ଷ ଓ ପଣା ସଂକ୍ରାନ୍ତି ପାଳିତ ହୋଇଛି। ସଂସଦର ସଭାପତି ଶଚୀନ୍ଦ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ନବ ବର୍ଷ, ପଣାସଂକ୍ରାନ୍ତି ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିବା ସହ ପଣା ପାନଫଳରେ ପଣାରେ ବ୍ୟବହୃତ ଔଷଧୀୟ ଗୁଣ ବିଷୟରେ ବୈଜ୍ଞାନିକ ପ୍ରାମାଣିକ ତଥ୍ୟ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଆଡଭୋକେଟ ପଦ୍ମଲୋଚନ ଷଡ଼ଙ୍ଗୀ, କବି ସୁଧୀର କୁମାର ନାଥ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଭାପତି ଶଚୀନ୍ଦ୍ର କୁମାର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ପଣା ସଂକ୍ରାନ୍ତିକୁ ନବ ବର୍ଷ ନୁହେଁ ବରଂ ଏହି ଦିବସକୁ ଆଧ୍ୟାତ୍ମିକ ନବ ବର୍ଷ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ସମାଜସେବୀ ବରିଷ୍ଠ ନାଗରିକ ଶରତ ଚନ୍ଦ୍ର ଚୌଧୁରୀଙ୍କୁ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ନାଗରିକ ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। କବି ହରପ୍ରିୟା ସାମଲ ମାନପତ୍ର ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ହରପ୍ରିୟା ସାମଲଙ୍କ ସଂଯୋଜନାରେ କବି ହରିହର ବେହେରା, ପଦ୍ମଲୋଚନ ମିଶ୍ର, ସୁଧୀର କୁମାର ନାଥ, ମୀରା ମଲ୍ଲିକ, ସୁବର୍ଣ୍ଣ ବେହେରା, ଅଭିମନ୍ୟୁ ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ରାଜକିଶୋର ଜେନା, ବେଣୁଧର ମଲ୍ଲିକ, ନୀଗମଣୀ ମାହାନ୍ତି, ଜଗବନ୍ଧୁ ମହାନ୍ତି, ରବିନାରାୟଣ ଜେନା, ଗୋପାଳ ଚନ୍ଦ୍ର ଦାସ, ଚୈତନ୍ୟ ଚରଣ ସାହୁ, ଏନ୍ ଏସ୍ ବି ରାଓ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କବି ହରିହର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ରାଉରକେଲା ଶ୍ରମିକ ସେବା ଟ୍ରଷ୍ଟ

ରାଉରକେଲା : ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ଆଜି ୭/୧୭ ଛକ ନିକଟରେ ରାଉରକେଲା ଶ୍ରମିକ ସେବା ଟ୍ରଷ୍ଟ ତରଫରୁ ପଣାବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଟ୍ରଷ୍ଟର ଚେୟାରମ୍ୟାନ ଟ୍ରଷ୍ଟି ତଥା ବିଶିଷ୍ଟ ଶ୍ରମିକନେତା ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଟ୍ରଷ୍ଟି ସଦସ୍ୟମାନେ ନିକଟସ୍ଥ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମା, ଇଡି(କାର୍ମିକ) ବିଶ୍ୱରଞ୍ଜନ ପଲେଇଙ୍କ ସମେତ ଇସ୍ପାତ କାରଖାନାର ଅନେକ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ରହି ପଣାପାନ କରିବା ସହ ଏହି ପ୍ରକାରର ଜନହିତକାରୀ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଏଥିସହିତ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ପୂର୍ବତନ ମନ୍ତ୍ରୀ ସୁବ୍ରତ ତରାଇଙ୍କ ସମେତ ସହରର ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଚକ୍ରଧର ପ୍ରଧାନ, ରମାକାନ୍ତ ପରିଡ଼ା, ନିହାର ଦାସ, ଜନ୍ମେଜୟ ରାଉତରାୟ, ସୁକାନ୍ତ କୁମାର ନାୟକ, ବିଦ୍ୟାଧର ସାହୁ, ଭରତ ଦାସ, ତୁଷାର ସାହୁ, ଅପର୍ତ୍ତି ସାହୁ, ସୌମ୍ୟକାନ୍ତ ଧଳ, ରୁଦ୍ରନାରାୟଣ ବେହେରା, ଶ୍ରୀକାନ୍ତ ପାଣି, ପ୍ରଫୁଲ୍ଲ ଦାସ, ରଘୁନାଥ ପ୍ରଧାନ, ରଘୁନାଥ ଭୁକ୍ତା, କେଶବ ପ୍ରଧାନ, ତ୍ରିଲୋଚନ ପାଣିଗ୍ରାହୀ, ଆନନ୍ଦ ମହାନ୍ତି, ସରୋଜ କୁମାର ସ୍ୱାଇଁ, ସରୋଜ ଦାସ, ସୁଜିତ ନାୟକ, ଶ୍ରୀଧର ଖଟୁଆ, ସୁରେଶ କିଶାନ ପ୍ରମୁଖ ଯୋଗଦେଇଥିଲେ।

ବଣାଇଁ : ଆଜି ବିଭିନ୍ନ ସ୍ଥାନରେ ପବିତ୍ର ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ବଣାଇଁର ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିର, ହନୁମାନ ମନ୍ଦିର, ତଥା ଆଖପାଖ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଦେବାଳୟରେ ଭକ୍ତମାନଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଛି। ସହରରେ ଥିବା ଦାସ ପ୍ରିଣ୍ଟର, ବିଜେଡି କାର୍ଯ୍ୟାଳୟ, ଭାମା ହୋଣ୍ଡା, ସୁଦର୍ଶନ ଷ୍ଟୋର ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ଛକ ସ୍ଥାନରେ ପଣା ବଣ୍ଟନ କରାଯାଇଛି। ସେହିପରି ଭାବେ ବଣାଇଁ ବସ୍ଷ୍ଟାଣ୍ଡ ହନୁମାନ ମନ୍ଦିର, ଜେଲ କଲୋନୀ, ଘୋଷରା ଗ୍ରାମର ହନୁମାନ ମନ୍ଦିରରେ ରୀତିନୀତି ପୂଜାର୍ଚ୍ଚନା ସହ ହନୁମାନ ଜୟନ୍ତି ପାଳନ ହୋଇଯାଇଛି। ଓଡ଼ିଆ ସଂସ୍କୃତି ଓ କାଳ ଗଣନାରେ ଗୋଟିଏ ବର୍ଷ ବୈଶାଖରୁ ଆରମ୍ଭ ହୋଇ ଚୈତ୍ରରେ ସମାପ୍ତ ହୋଇଥାଏ। ସେହିଭଳି ଜ୍ୟୋତିଷ ଗଣନା ଅନୁଯାୟୀ ଏହି ଦିନକୁ ମେଷ ସଂକ୍ରାନ୍ତି ବୋଲି କୁହାଯାଏ। ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ପଣାସଂକ୍ରାନ୍ତି। ଏହିଦିନଠାରୁ ୧ ମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି।



## ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା

ରାଉରକେଲା : ଉତ୍କଳ ସମ୍ମିଳନୀ ରାଉରକେଲା ଶାଖାପକ୍ଷରୁ ବାସନ୍ତୀ କଲୋନୀସ୍ଥ ଡିଏଭି ଛକ ପରିସରରେ ଅନୁଷ୍ଠିତ ନୂଆବର୍ଷ ପାଳନ ଓ ପଣା ବିତରଣ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡୋଲାମାଇଟ ମାଇନିଂ କର୍ପୋରେଟ ଓ ମଲ୍ଟି ଟ୍ରେଡ୍ ଇଣ୍ଟରନ୍ୟାସନାଲ, ରାଉରକେଲାର ଅଧିକାରୀ ଜ୍ଞାନଚାନ୍ଦ ପ୍ରସାଦ ଅଗ୍ରୱାଲ, ପୱନଜୟ ଅଗ୍ରୱାଲ, ଅଙ୍କିତ ଅଗ୍ରୱାଲ, ପ୍ରିନସୁ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ଦିଲୀପ ମହପାତ୍ର, ଗଗନ ପଣ୍ଡା, ଛବି ମହାନ୍ତି ପ୍ରମୁଖ ଓଡ଼ିଶା ନବବର୍ଷ ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଚିତ୍ତରଞ୍ଜନ ଦାଶ, ଡ.କିଶୋରୀ ଦାଶ, ନବଘନ ପାଣି, ଅନୀଲ କୁମାର ଦାଶ, ସହସମ୍ପାଦକ ବିଜୟ କୁମାର ବରାଳ, କୋଷାଧ୍ୟକ୍ଷ ଭଗବାନ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ଜ୍ୟୋସ୍ନା ନାୟକ, ସଚଳା ପଣ୍ଡା, ଅରୁଣ ପରିଡ଼ା, ଉତ୍ତମ କୁମାର ବାରିକ, ଅଭିମନ୍ୟୁ ସ୍ୱାଇଁ, ଡ. ସୁବାସ ଲେଙ୍କା, ଅଜୟ ପ୍ରଧାନ, ପ୍ରଦୀପ କୁମାର ମହାନ୍ତି, ସୂର୍ଯ୍ୟନାରାୟଣ ପଣ୍ଡା, ସମରେନ୍ଦ୍ର ନାୟକ, ସୁନୀଲ ମହାନ୍ତି, ବିମଳ ମହାନ୍ତି, ରାଜେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଉତ୍କଳ କରାଟେ ପ୍ରଶିକ୍ଷକ ମାଷ୍ଟର ରାଜୀବ ସିଂଙ୍କ ତତ୍ତ୍ୱାବଧାନରେ କରଟେ ଶିକ୍ଷାର୍ଥୀମାନେ ଏବଂ ଡୋଲାମାଇଟର କର୍ମଚାରୀ ପ୍ରସନ୍ନ କୁମାର ମଲ୍ଲିକ ସମେତ ଅନ୍ୟମାନେ ପଥଚାରୀଙ୍କୁ ପଣା ବଣ୍ଟନରେ ସହଯୋଗ କରିଥିଲ। ରାଜକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ଘର ଭିତରକୁ ପଶିଗଲା କାର୍; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ବଣାଇଁ, ୧୪।୪(ସମିସ): ବଣାଇଁ ଉପଖଣ୍ଡ ଖୁଣ୍ଟଗାଁ ଅଞ୍ଚଳରେ ସୋମବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। କେନ୍ଦୁଝରରୁ ବଣାଇଗଡ଼ ଅଭିମୁଖେ ଯାଉଥିବା ଏକ କାର୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଘରର ବାଉଣ୍ଡାରି କାନ୍ଥ ଭାଙ୍ଗି ଘର ଭିତରକୁ ପଶିଯାଇଛି। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଗାଡ଼ିଟି ସିଧାସଳଖ ଘର ଭିତରକୁ ମାଡ଼ି ଯାଇଥାନ୍ତା, କିନ୍ତୁ ଘର ଆଗରେ ଥିବା ବାଉଣ୍ଡାରୀ କାନ୍ଥ ଯୋଗୁଁ ମୁଖ୍ୟ ଘରଟି ବଡ଼ ଧରଣର କ୍ଷତିରୁ ସୁରକ୍ଷିତ ରହିଛି। କାନ୍ଥଟି ଗାଡ଼ିର ବେଗକୁ ରୋକି ଦେବାରୁ ଏକ ବଡ଼ ବିପତ୍ତି ଟଳିଯାଇଛି। ସୌଭାଗ୍ୟ ବଶତଃ ଏହି ଦୁର୍ଘଟଣାରେ ଗାଡ଼ିରେ ବସିଥିବା ୫ ଜଣ ଯାତ୍ରୀ ଏବଂ ଘର ମଧ୍ୟରେ ଥିବା ସଦସ୍ୟମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବର ପାଇ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇଛନ୍ତି।

## ଭକ୍ତଙ୍କ ଗହଣରେ ପୂଜା ପାଇଲେ ମା' ସିଙ୍ଗାରଦେଈ

ଲହୁଣୀପଡ଼ା, ୧୪।୪(ସମିସ): ଲହୁଣୀପଡ଼ା ବ୍ଲକ ଅଧୀନ ଲଲେଇ ଛକ ନିକଟରେ ଥିବା ସିଙ୍ଗାରଦେଇ ପାହାଡ଼ଠାରେ ବଣାଇଁର ମାଁ ସିଙ୍ଗାରଦେଇ ଠାକୁରାଣୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କାହିଁ ରାଜା ରାଜୁଡା ଅମଳରୁ ଏହି ପୂଜା ଆଜି ଦିନରେ ହେଉଥିବା ବେଳେ ଶହ ଶହ ଶ୍ରଦ୍ଧାଳୁ ନିଜ ମାନସିକ ପୂରଣ ପାଇଁ ଏଠାକୁ ଆର୍ଶୀବାଦ ଭିକ୍ଷା କରିଥିବା ଦେଖାଯାଇଛି। ବଣାଇଁ ରାଜା ମୁଖ୍ୟପୂଜକ ବାବୁ ଅମାତଙ୍କ ଦ୍ୱାରା ସିଙ୍ଗାରଦେଇ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମା' ସିଙ୍ଗାରଦେଇ ପୂଜା ବଣାଇଁ ରାଜାଙ୍କର ଚୈତ୍ର ମେଳା ୯ ଦିନ ଧରି ହୋଇ ଥାଏ ଓ ନବମ ଦିନ, ଗାରିଆ ଭାର ଦିନ ମାଁ ସିଙ୍ଗାରଦେଇ ପୀଠ ଠାରେ ପୂଜା ସାରି, ନିକଟ ବର୍ତି ଲଲେଇ ଗ୍ରାମରେ ଥିବା ମା' ଚଣ୍ଡୀ ମେଳ ପାଖରେ ପୂଜା ସାରି ଦେହୁରୀ ବଣାଇଁ ରାଜା ଘରକୁ ଫେରିଯାଇଥାନ୍ତି। ବଣାଇଁ ରାଜା ଉଆସରେ ପହଞ୍ଚି ରାଜା ସାହେବ ଘରେ ଦେହୁରୀ ପୂଜକଙ୍କୁ ସାତ କୁଳା ପାଣିରେ ଗାଧୋଇବା ସହିତ ରାଜା ସାହେବ ନୂତନ ବସ୍ତ୍ର ପ୍ରଦାନ କରିଥାନ୍ତି। ଦେବୀ ମା' ସିଙ୍ଗାରଦେଇଙ୍କ ପ୍ରସିଦ୍ଧ ପୀଠ ଯାହାକି ଐତିହାସିକ ରାଜା ରାଜୁଡ଼ା ସମୟରୁ ପୀଠରେ ଥିବା ଦେବୀଙ୍କ ପୂଜା ପାଇଁ ଆସୁଛନ୍ତି। ରାଜା ଅମଳରୁ ଆଜି ପର୍ଯ୍ୟନ୍ତ ରାଜା ସାହେବ ଓ ତାଙ୍କ ପରିବାର ମା'ଙ୍କ ପୂଜା ସାମଗ୍ରୀ ତଥା ଖଇ, ନଡ଼ିଆ, ଧୂପ, ଝୁଣା, ଫୁଲ, ଚନ୍ଦନ ସହିତ ଦୁଇଟି ବୋଦା ଯୋଗାଡ଼ ସାମଗ୍ରୀ ଆକାରରେ ଯୋଗାଇ ଥାନ୍ତି। ଏହି ପୂଜାକୁ ବିଭିନ୍ନ ଗ୍ରାମବାସୀ ମା'ଙ୍କ ପୂଜାର୍ଚ୍ଚନା କରୁଥିବାବେଳେ ଗ୍ରାମର ଅନ୍ୟାନ୍ୟ ଲୋକମାନେ ମଧ୍ୟ ପୂଜାକାର୍ଯ୍ୟରେ ସାହାଯ୍ୟ ସହଯୋଗ କରିଥାନ୍ତି।



## ଆର୍‌ଏସ୍‌ପିରେ ଜାତୀୟ ଅଗ୍ନିଶମ ସେବା ଦିବସ




ରାଉରକେଲା, ୧୪।୪(ସମିସ): ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଆଜି ଜାତୀୟ ଅଗ୍ନିଶମ ସେବା ଦିବସ ପାଳିତ ହୋଇଯାଇଛି। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଅଗ୍ନିଶମ ସେବା ବିଭାଗର କେନ୍ଦ୍ରୀୟ ଅଗ୍ନିଶମ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଗ୍ନିଶମ ସେବା ପତାକା ଉତ୍ତୋଳନ କରି ଅଗ୍ନିଶମ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହିତ ୧୯୪୪ ମସିହା ଆଜିର ଦିନରେ ପୂର୍ବତନ ବମ୍ବେ ବନ୍ଦର ଭିକ୍ଟୋରିଆ ଡକ୍‌ରେ ଘଟିଥିବା ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟଣାରେ ଜୀବନ ଏବଂ ସମ୍ପତ୍ତି ରକ୍ଷା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ୬୬ ଜଣ ବୀର ଅଗ୍ନିଶମ କର୍ମୀଙ୍କ ବଳିଦାନକୁ ସ୍ମରଣ କରିବା ପାଇଁ ସେ ଏବଂ ଅନ୍ୟ ଗଣମାନ୍ୟ ବ୍ୟକ୍ତି ସହିଦ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଗ୍ନିଶମ ସେବା ସପ୍ତାହ ୨୦୨୬ର ବିଷୟବସ୍ତୁ 'ନିରାପଦ ସ୍କୁଲ, ନିରାପଦ ହସ୍ପିଟାଲ ଏବଂ ଅଗ୍ନି ନିରାପତ୍ତା ସଚେତନ ସମାଜ - ଅଗ୍ନି ନିବାରଣ ପାଇଁ ଏକାଠି' ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ଡିଆଇସି ଗୁରୁତ୍ୱାରୋପ କରିଥିଲେ। ସେ ଏହି ଅବସରରେ ପ୍ରକାଶିତ 'ଅଗ୍ନି ନିବାରଣ' ଉପରେ ଏକ ପ୍ରଚାରପତ୍ରକୁ ମଧ୍ୟ ସେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ ବି.କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲ୍ଲାଇ, ନିର୍ବାହୀ ନିର୍ଦ୍ଦେଶକ (ଖଣି) ଏମ.ପି. ସିଂହ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ ମଞ୍ଚରେ ଉପସ୍ଥିତ ଥିଲେ। ସିଏମଓ ଇନଚାର୍ଜ ଡ.ଜୟନ୍ତ କୁମାର ଆଚାର୍ଯ୍ୟ, ସିଜିଏମ ଇନଚାର୍ଜ ଆର. ଦାସଗୁପ୍ତା, ଅନେକ ସିଜିଏମଙ୍କ ସହିତ ପ୍ଲାଣ୍ଟ ଏବଂ ଅଗ୍ନିଶମ ସେବା ବିଭାଗର ଅନେକ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ସିଜିଏମ୍ ହୀରାଲାଲ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଜିଏମ୍ ପି.ଏସ୍.ଠାକରେ।

## ଜିଏମ୍. ୱାର୍କସ ଋଣ ସମବାୟ ସମିତିର ବାର୍ଷିକୋତ୍ସବ



ରାଉରକେଲା, ୧୪।୪(ସମିସ): ଜିଏମ୍. ୱାର୍କସ ଋଣ ସମବାୟ ସମିତିର ୪୮ତମ ବାର୍ଷିକୋତ୍ସବ ଓ ସାଧାରଣ ଅଧିବେଶନ ସମବାୟ ସମିତିର ସଭାପତି ଜ୍ୟୋସ୍ନାରାଣୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସେକ୍ଟର-୫ ସ୍ଥିତ ଭଞ୍ଜ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମବାୟ ସମିତିର ସଭାନେତ୍ରୀ ଜ୍ୟୋସ୍ନାରାଣୀ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ସୁରେଶ ଚନ୍ଦ୍ର ପାତ୍ର ୨୦୨୪-୨୫ ଆର୍ଥିକ ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିବାବେଳେ କୋଷାଧ୍ୟକ୍ଷ ଗୋପାଳ ମୁଣ୍ଡାରୀ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରସ୍ତାବିତ ବଜେଟ୍ ଉପସ୍ଥାପନ କରିଥିଲେ। ଏହାପରେ ସମ୍ପାଦକ ସୁରେଶ ଚନ୍ଦ୍ର ପାତ୍ର ୨୦୨୪-୨୫ ଆର୍ଥିକ ବର୍ଷର ଲାଭାଂଶ ଘୋଷଣା କରିଥିଲେ। ଉକ୍ତ ସଭାରେ ବହୁସଂଖ୍ୟକ ସଭ୍ୟ ଉପସ୍ଥିତ ରହି ସମବାୟର ଉତ୍ତୋରତର ଉନ୍ନତି ଉପରେ ମତ ପ୍ରଦାନ କରିଥିଲେ। ସମିତିର ନିର୍ଦ୍ଦେଶକ ମଣ୍ଡଳୀ ସୁଶାନ୍ତ ସାହୁ, ସୁଶୀଲ ଏକ୍କା, ପ୍ରଫୁଲ୍ଲ ରଣା, ପ୍ରଦୀପ୍ତ ସାହୁ, ଦେବେନ୍ଦ୍ର ମୁଣ୍ଡାରୀ, ଚନ୍ଦ୍ରଶେଖର ସେଠୀ, ସୂର୍ଯ୍ୟପ୍ରକାଶ ମିଶ୍ର, ଦୁର୍ଯ୍ୟୋଧନ ସେନାପତି, ତ୍ରିଲୋଚନ ବେହେରା, ପ୍ରବୀର ସ୍ୱାଇଁ ଓ କୁଆଁରୀ କେର୍କେଟା ଉପସ୍ଥିତ ପ୍ରମୁଖ ଥିଲେ। ନିର୍ଦ୍ଦେଶିକା କୁଆଁରୀ କେର୍କେଟା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅଗ୍ନିଶମ ସୁରକ୍ଷା ସଚେତନତା ସପ୍ତାହ

ବଣାଇଁ, ୧୪।୪(ସମିସ): ଅଗ୍ନିଶମ ସପ୍ତାହ ପାଳନ ଅବସରରେ ବଣାଇଁ ଅଗ୍ନିଶମକେନ୍ଦ୍ର ପକ୍ଷରୁ ମଙ୍ଗଳବାର ଅଗ୍ନି ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅଧିକାରୀ ସୁଜୟ କୁମାର ହେମ୍ବ୍ରମଙ୍କ ନେତୃତ୍ୱରେ ଫାୟାର ଫାଇଟର ବିସନ ଚନ୍ଦ୍ର ସିଂହ, ଡ୍ରାଇଭର ହାବିଲଦାର ଗିରିଶ ଚନ୍ଦ୍ର କୋଡା, ଫାୟାର ଫାଇଟର ଡ୍ରାଇଭର ତ୍ରିନାଥ ବେହେରା ଓ ବଣାଇ ଅଗ୍ନିଶମ କେନ୍ଦ୍ରର ସମସ୍ତ କର୍ମଚାରୀ ଏଥିରେ ସହଭାଗୀ ହୋଇଥିଲେ। ଏହି ଅଗ୍ନିଶମ ସୁରକ୍ଷା ସଚେତନତା ଶୋଭାଯାତ୍ରା ବଣାଇଁ ବସଷ୍ଟାଣ୍ଡ ଦେଇ ଦେଓଗାଁ ଛକ, କଲେଜ ଛକ, ରଥ ଛକ ଓ ବିଜୁ ପାର୍କ ଆଦି ସ୍ଥାନ ମାନଙ୍କରେ ଲୋକଙ୍କୁ ଓ ପଥଚାରୀ ମାନଙ୍କୁ ଅଗ୍ନି ନିରାପତ୍ତା ସମ୍ବନ୍ଧ ରେ ସଚେତନତା କରାଯାଇଥିଲା।



## ସଦାନନ୍ଦ ତ୍ରିପାଠୀଙ୍କ ବିୟୋଗରେ ଶୋକସଭା



ରାଉଲକେଲା, ୧୪।୪(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ, ଇସ୍ପାତ୍ ସାହିତ୍ୟ ସଂସଦର ପ୍ରାକ୍ତନ ସାଧାରଣ ସମ୍ପାଦକ ସ୍ୱର୍ଗତ ସଦାନନ୍ଦ ତ୍ରିପାଠୀଙ୍କ ବିୟୋଗରେ ଇସ୍ପାତ୍ ସାହିତ୍ୟ ସଂସଦ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱ ଏବଂ ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ 'ସ୍ମୃତିରେ ସ୍ମୃତିରେ ସଦାନନ୍ଦ ତ୍ରିପାଠୀ' ଶୀର୍ଷକ ଶୋକ ଓ ସ୍ମୃତି ସଭାରେ ବହୁ ସଦାନନ୍ଦ ପ୍ରେମୀ ଓ ପାଠକ ଯୋଗଦେଇଥିଲେ। ସର୍ବପ୍ରଥମେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଉପସ୍ଥିତ ସମସ୍ତେ ସଦାନନ୍ଦଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସଦାନନ୍ଦଙ୍କ ସ୍ମୃତି ଓ ସାହିତ୍ୟ କୃତି ବାବଦରେ ତାରିଣୀ ଚରଣ ସାହୁ, ପ୍ରତାପ କୁମାର ପଣ୍ଡା, ବ୍ରଜେନ୍ଦ୍ର ଦାସ, ଉମେଶ ଚନ୍ଦ୍ର ନାୟକ, ଉପେନ୍ଦ୍ର ବସ୍ତିଆ, ଆର୍ତ୍ତତ୍ରାଣ ମହାପାତ୍ର, ବଳରାମ ଦାସ, ମୀନକେତନ ପଶାୟତ, ମଞ୍ଜୁଳା କୁମାରୀ ରଥ, ଗଙ୍ଗାଧର ପୁହାଣ, ଶୈଳବାଳା ଷଡ଼ଙ୍ଗୀ, ବିଜୟିନୀ ଜେନା, ସବିତା ବସ୍ତିଆ, ଦିବାକର ଦାସ, ଡ. ଅନଙ୍ଗ କୁମାର ପ୍ରହରାଜ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରଘୁବର ଧଳ, ବିଷ୍ଣୁପ୍ରିୟା ମହାପାତ୍ର, ହରମୋହନ ମିଶ୍ର, ବେଣୁଧର ନାୟକ, ତ୍ରିଲୋଚନ ମଥାନ, ମନୋଜ ବାରିକ୍ ପ୍ରମୁଖଙ୍କ ଶୋକବାର୍ତ୍ତା ପାଠ କରାଯାଇଥିଲା। ଲକ୍ଷ୍ମୀକାନ୍ତ ମହାପାତ୍ର, ଏସ୍. କେ.ପଣ୍ଡା, ଗୌତମ ସିଂ, ପ୍ରୀତମ ମହାନ୍ତି ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମୋହନ ପଟ୍ଟନାୟକ, ଶ୍ରଦ୍ଧାଶ୍ରୀ ବସ୍ତିଆ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ଆଭା-ଅନ୍ୱେଷ ପକ୍ଷରୁ ଓଡ଼ିଆ ନବବର୍ଷ

ରାଉରକେଲା, ୧୪।୪(ସମିସ): ଶିକ୍ଷାର୍ଥୀ ଓ ଶିକ୍ଷକ ସାମାଜିକ କଲ୍ୟାଣ ସଂଗଠନ ଆଭା-ଅନ୍ୱେଷ ପକ୍ଷରୁ ମହାବିଷୁବ ପଣା ସଂକ୍ରାନ୍ତିରେ ଓଡ଼ିଆ ନବବର୍ଷ ଉତ୍ସବ ସାରନା ଛକଠାରେ ପାଳିତ ହୋଇଯାଇଛି। ସଂଗଠନର ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ତଥା ପୂର୍ବତନ କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତି ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଲାଠିକଟା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ସାହା ଯୋଗଦେଇ ଥିଲେ। ପ୍ରମୋଦ ଭଞ୍ଜ, କାର୍ତ୍ତିକ ମିଶ୍ର, ରଞ୍ଜିତ ବିଶ୍ୱାଳ, ସନ୍ତୋଷ ନାୟକ, ରଶ୍ମୀତ ସାହାଣୀ, ଚକ୍ରଧର ମୁଦୁଲି, ଅଭୟ ସାହୁ, ବିଜୟ ପ୍ରଧାନ, ପିତବାସ ପରିଡ଼ା, ଅଜିତ ଗିରି, ହରିହର ବେହେରା, ଦିପ୍ତିମୟୀ ପରିଡ଼ା, ସିପ୍ରା ସାହୁ, ନଳିନି ସାହୁ, ନମିତା ମହାନ୍ତି, ଜୋସ୍ନା ପ୍ରଧାନ, ସଂଯୁକ୍ତା ରାଉତ, ପ୍ରିୟଙ୍କା ସାହୁ, ବିଦ୍ୟୁତ ଲତା ସୁତାର ପ୍ରମୁଖ ଉପସ୍ଥିତରହିବା ସହିତ ଉଦିତ୍‌ନଗର ବିଦ୍ୟାଳୟର ସ୍କାଉଟ ଗାଇଡ୍ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଅନନ୍ତ ଚରଣ ନାୟକ ଧନ୍ୟବାଦ ଦେଇଥିଲେ।

ସକାଳ THE SAKALA



www.sakalaepaper.com

# ଆମ୍ବେଦକର ବହୁ ପ୍ରତିଭାର ଅଧିକାରୀ ଥିଲେ





ତରଭା, ୧୪।୪(ସମିସ)

ସୋନପୁର ଟାଉନ ହଲଠାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଭାରତ ରତ୍ନ ଡ. ବାବାସାହେବ ଭୀମରାଓ ଆମ୍ବେଦକର ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବାବାସାହେବ ଜଣେ ବହୁମୁଖି ପ୍ରତିଭାର ଅଧିକାରୀ ଥିଲେ। ଜାତିପ୍ରଥାର ମୂଳୋତ୍ପାଟନ, ଶିକ୍ଷାର ପ୍ରସାର, ନାରୀ ସ୍ୱାଧୀନତା, ଦଳିତ ଶୋଷିତଙ୍କ ନ୍ୟାୟ ପାଇଁ ତାଙ୍କ ଲଢେଇକୁ ସହଜେ ଭୁଲି ହେବନି ବୋଲି ଏଥିରେ ମତ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବାବାସାହେବଙ୍କ ଭଳି ଶିକ୍ଷା ଗ୍ରହଣରେ ବ୍ରତୀ ହେବାକୁ ଜିଲ୍ଲାପାଳ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଉପଜିଲ୍ଲାପାଳ ସୋନପୁର ଡ. ସୌମ୍ୟରୂପା ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଉଷାରାଣୀ ଦାସ। ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାଭବେ ସୋନପୁର ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ସୁଦାମ ଦୀପ ଯୋଗଦେଇ ବାବାସାହେବଙ୍କ ଜୀବନ ଦର୍ଶନ ଏବଂ ନୂତନ ଭାରତ ଗଠନରେ ତାଙ୍କର ଭୂମିକା ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପୂର୍ବରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆୟୋଜିତ, ଚିତ୍ରାଙ୍କନ, ଓଡ଼ିଆ ଏବଂ ଇଂରାଜୀ ବକ୍ତୃତାର ପ୍ରତିଯୋଗିତାର ମୋଟ ୩୬ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ପ୍ରୀତି ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଯମୁନା ପ୍ରଧାନ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ମଙ୍ଗଳ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା ପ୍ରଶାସନର କର୍ମଚାରୀ ସହଯୋଗ କରିଥିଲେ।

**ବଲାଙ୍ଗିର:** ବଲାଙ୍ଗିର ଜିଲ୍ଲା ଦଳିତ ସମାଜ ତରଫରୁ ବାବା ସାହେବ ଡ. ଭୀମ ରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ସଦର ମହକୁମାଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ବିଶାଳ ଶୋଭାଯାତ୍ର କୋଶଲ କଳାମଣ୍ଡଳରୁ ବାହାରିଥିଲା। ଏହା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି କଚେରୀ ଛକସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତିଠାରେ ପହଞ୍ଚିଥିଲା। ସେଠାରେ ହଜାର ହଜାର ଆମ୍ବେଦକର ପ୍ରେମୀଙ୍କ ଉପସ୍ଥିତିରେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶୋଭାଯାତ୍ରାରେ ହଜାର ହଜାର ଆମ୍ବେଦକର ପ୍ରେମୀ ଯୋଗ ଦେଇଥିଲେ। ଏହି ଶୋଭାଯାତ୍ରାରେ ଆଦିବାସୀ, ଯାଦବ ସମାଜ ଓ ପଛୁଆ ବର୍ଗର ବ୍ୟକ୍ତିବିଶେଷ ନିଜର ସଂଗଠନ ସହ ଯୋଗ ଦେଇଥିଲେ। ଏହା ସହ ଶୋଭାଯାତ୍ରାର ବିଶେଷ ଆକର୍ଷଣ ପାଲଟିଥିଲା ଡକା ନୃତ୍ୟ, ଘୁମରା ବାବା ଓ ଦୁଲଦୁଲି କଳାକାରଙ୍କ ଦୁଲଦୁଲି ବାଦ୍ୟ। ପରେ କୋଶଳ କଳା ମଣ୍ଡଳ ପଡ଼ିଆ ଠାରେ ସଂଗଠନର ଆବାହକ ବିଜୟ ବାରିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିଥି ଭାବରେ ଆଦିବାସୀ ନେତା ସତ୍ୟନାରାୟଣ ଭୋଇ, ସାବିତ୍ରୀ ବାଇ ଫୁଲେ ସଂଗଠନର ସଭାନେତ୍ରୀ କୌଶଲ୍ୟା କୁମ୍ଭାର, ମହିଳା ସଂଗଠିକା ରୂପାଲି ମହାନନ୍ଦ, ଯାଦବ ସମାଜର ସନ୍ଦୀପ ବାଗ, ପଛୁଆ ବର୍ଗର ସରୋଜ ମେଶ୍ରା, ସତ୍ୟପୀର ପାତ୍ର ଓ ଅଭିଭାବକ ସଂଘର ସଭାପତି ସୀତାରାମ କୁମ୍ଭାର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ କୁନା ବାଗ ପରିଚାଳନା କରିଥିବା ବେଳେ ଶ୍ରମିକ ନେତା ତଥା କାଉନସିଲର ଶମ୍ଭୁ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଥର ପାଇଁ ଆଦିବାସୀ, ପଛୁଆ ବର୍ଗ ଓ ଦଳିତ ସମାଜ ମିଳିତ ଭାବରେ ବଲାଙ୍ଗିରରେ ବାବା ସାହେବଙ୍କ ଜୟନ୍ତୀ ପାଳନ କରି ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଦଳିତ ସମାଜ ଏକ ବଳିଷ୍ଠ ପଦକ୍ଷେପ ନେବା ସହ ସମାଜକୁ ଏକ ଦୃଢ ବାର୍ତ୍ତା ଦେଇପାରିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଆଗାମୀ ଦିନରେ ମଧ୍ୟ ମିଳିତ ଭାବରେ ସମସ୍ତେ ସମାଜର ଉନ୍ନତି ପାଇଁ ଲଢେଇ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଶୋଭାଯାତ୍ରାରେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, କାଉନସିଲର ଗଙ୍ଗା ଚାନ୍ଦ, ଶତ୍ରୁଘନ ବାଗ ଓ ସଂଗଠକ ବୁଲୁ ବେହେରା ପ୍ରମୁଖ ସାମିଲ ହୋଇଥିଲେ। କାଉନସିଲର କିଶୋର କୁମ୍ଭାର, ଅନୁଷ୍ଠାନର କୋଷାଧ୍ୟକ୍ଷ ସୁରେଶ ହରିପାଲ, ସୁଶୀଲ ହରିପାଲ, ସାଗର କୁମ୍ଭାର, ରଞ୍ଜନ ବାରିକ, ସୂର୍ଯ୍ୟମଣି ସୁନା, ଦିନେଶ ନାଗ, ବାସୁଦେବ ମୁଗ୍ରୀ ଓ ଜ୍ୟୋତିଷ ମୁଗ୍ରୀ ପ୍ରମୁଖ ସହଯୋଗ କରିଥିଲେ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ପଞ୍ଚବଟି ବିଦ୍ୟାଳୟରେ ଭାରତର ମହାନ ଚିନ୍ତାନାୟକ, ଭାରତୀୟ ସମ୍ବିଧାନର ପ୍ରଣେତା, ଭାରତ ରତ୍ନ ବାବା ସାହେବ ଭୀମ ରାଓ ଅମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଭାରତ ଶସକ୍ତ ଭାରତ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ସମାଜରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲକ୍ଷେଘର ଗଣ୍ଡା ସମାଜ ଡୁଙ୍ଗୁରିପାଲି ବ୍ଲକର ସଭାପତି ନିତେଇ ପାଲ ଓ ସମାଜସେବୀ ଅଣାକାର ବିଶ୍ୱେଶ୍ୱର ଯୋଗ ଦେଇ ଆମ୍ବେଦକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆମ୍ବେଦକରଙ୍କ ବିଚାରଧାରାରେ ଅନୁପ୍ରାଣିତ ହେବା ପାଇଁ କହିଥିଲେ। ଏହି ଅବସରରେ କୀର୍ତ୍ତନ ଗାୟିକା ଲିଲି ଦୀପ, ଭାଗ୍ୟ ସୁନା, କଳାକାର ରଘୁମଣି ନାଏକ, ଦଣ୍ଡ ନୃତ୍ୟ କଳାକାର ଜଗଦୀଶ ମହାନନ୍ଦ, ବାଦକ କ୍ଷମା କୁମ୍ଭାରଙ୍କୁ ସମ୍ମାନିତ କରାଯ।ଇଥିଲା। ପଞ୍ଚବଟି ସ୍କୁଲର ଜ୍ୟୋସ୍ନାରାଣୀ କୁମ୍ଭାର, ଲିଜା ସାହୁ, ରାଧାବଲ୍ଲଭ ଷଡଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାର୍‌ରୁ ୫୦ ଗଞ୍ଜେଇ ଜବତ

**କଣ୍ଟାମାଲ, ୧୪।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଉଦୟପୁର ନିକଟରେ କଣ୍ଟାମାଳ ପୁଲିସ ଏକ କାରରୁ ୫୦ କେଜି ଗଞ୍ଜେଇ ଜବତ କରିଛି। ତେବେ ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ମାରିଛି। ମାଜିଷ୍ଟ୍ରେଟ ଧନଞ୍ଜୟ ସାହୁଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଛି ବୋଲି କଣ୍ଟାମାଳ ଥାନା ଅଧିକାରୀ ବାସୁଦେବ ଭୋଇ ସୂଚନା ଦେଇଛନ୍ତି।

## ଖଇରମାଲରେ ହନୁମାନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା

**ଶଗଡ଼ା, ୧୪।୪(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଦହ୍ୟା ପଞ୍ଚାୟତ ଖଇରମାଲ ଗ୍ରାମରେ ହନୁମାନ ଜୟନ୍ତୀ ଉପଲକ୍ଷେ ନବନିର୍ମିତ ହନୁମାନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୨ ତାରିଖରୁ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ସୋମବାର ରତ୍ନମୁଦ ପ୍ରତିଷ୍ଠା, ରାମାୟଣ ପାରାୟଣ, ମଙ୍ଗଳବାର ବିଗ୍ରହ ପ୍ରବେଶ, ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବୁଧବାର ଦେବତାଙ୍କ ନଗର ଭ୍ରମଣ ସହ ମନ୍ଦିର ପ୍ରତିଷ୍ଠା ସମାରୋହ ଉଦ୍‌ଯାପିତ ହେବ।

## ତୁଳସୀ ରାମାୟଣ ନବାହ୍ନ ପାରାୟଣ ଉଦ୍‌ଯାପିତ

**କଣ୍ଟାମାଲ, ୧୪।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଛକ ଶ୍ରୀରାମ ମନ୍ଦିରଠାରେ ୯ ଦିନ ଧରି ଚାଲିଥିବା ତୁଳସୀ ରାମାୟଣ ଓ ନବାହ୍ନ ପାରାୟଣ ଶେଷ ହୋଇଛି। ଆଜି ଅନ୍ତିମ ଦିବସରେ ପ୍ରବଚକ ମଧୁସୂଦନ ଦାସଙ୍କ ମୁଖରୁ ଶ୍ରୀରାମଙ୍କ ରାଜ୍ୟାଭିଷେକ କଥା ଶୁଣିବାକୁ ଶ୍ରଦ୍ଧାଳୁଙ୍କ ବହୁ ସମାଗମ ହୋଇଥିଲା। ନବମ ତଥା ଅନ୍ତିମ ଦିବସରେ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ହୋଇଥିଲା। କ୍ଷୀର, ଦହି, ମହୁ, ଘୃତ, ତୁଳସୀ ଜଳ, ସୁବାସିତ ଜଳ ଆଦି ଦ୍ୱାରା ଶ୍ରୀରାମଙ୍କ ଅଭିଷେକ କରାଯାଇଥିଲା। ମହିଳାମାନେ ବହୁ ସଂଖ୍ୟାରେ ଯୋଗଦେଇ ଶ୍ରୀରାମଙ୍କ ଅଭିଷେକ କରିବା ସହ ନଗର ପରିକ୍ରମା କରିଥିଲେ। ଶ୍ରୀରାମ ଓ ଭକ୍ତ ହନୁମାନଙ୍କ ଅମୃତମୟ କଥାରେ ସମଗ୍ର ପାରାୟଣ ପୀଠ ଏକ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଏଥିରେ ସୁଶୀଲ ପାଣିଗ୍ରାହୀ ଓ ପତ୍ନୀ ନମିତା ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ସନତ ମିଶ୍ର ପୌରୋହିତ୍ୟ କରିଥିବାବେଳେ ବାଳକୃଷ୍ଣ ମିଶ୍ର ସହଯୋଗ କରିଥିଲେ। ହରିବନ୍ଧୁ ପୁରୋହିତ, ମନ୍ଦିର ପୂଜକ ଆନନ୍ଦ ଚନ୍ଦ୍ର ପାଢ଼ୀ, ମନ୍ଦିର ପରିଚାଳନା କମିଟି ସମ୍ପାଦକ ସନ୍ତୋଷ ବିଶି, ଉପଦେଷ୍ଟା ବସନ୍ତ ମିଶ୍ର, ନବୀନ ବିଶି, ଭାଗ୍ୟଧର ମିଶ୍ର, ଜୟ କୁମାର ମହାରଣା, ଭୀମସେନ ସ୍ୱାଇଁ, ସନ୍ତୋଷ ସାହୁ, ପ୍ରଦୀପ ପ୍ରଧାନ, ମନୋଜ ରାଜହଂସ, ନୀଳାଞ୍ଚଳ ଗୁରୁ, ଅପର୍ତ୍ତି ପ୍ରଧାନ, ଅରୁଣ ସାହୁ, ରଶ୍ମିରଞ୍ଜନ କୁଦେଇ, ରୂପେଶ ସାହୁ, ବାଦଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



## ପିକ୍‌ଅପ୍ ଉଜାଡି ଦେଲା ସଂସାର

# ସ୍ୱାମୀ, ସ୍ତ୍ରୀ ସହ ଦେଢ଼ବର୍ଷ ପୁଅର ମୃତ୍ୟୁ

- ଭିମ୍‌ସାରରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲେ ସ୍ତ୍ରୀ
- କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ରାସ୍ତାରୋକ



**ବଲାଙ୍ଗିର, ୧୪।୪(ସମିସ):** ସ୍ତ୍ରୀ ପୁଅକୁ ନେଇ ବାଇକ୍‌ରେ ବଲାଙ୍ଗିର ଆସୁଥିଲେ; ହେଲେ ରାସ୍ତାରେ ଯମ ଜଗିଥିଲା। ଯମ ରୂପୀ ଏକ ମ୍ୟାକ୍ସ ପିକ୍‌ଅପ୍ ଦ୍ରୁତଗତିରେ ଆସି ସେମାନଙ୍କୁ ଜୋରରେ ଧକ୍କା ଦେଇଥିଲା। ଉଜାଡ଼ିଦେଲା ସଂସାର। ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ଥାନା ଅଧୀନ ୫୭ ଜାତୀୟ ରାଜପଥ ନିକଟରେ ଏହିଭଳି ଏକ ଦୁଃଖଦ ଘଟଣା ଘଟିଛି। ଏହି ଦୁର୍ଘଟଣାରେ ବାପାପୁଅଙ୍କ ସହ ସ୍ତ୍ରୀର ମଧ୍ୟ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ରାସ୍ତାରେ ଶବ ରଖି ରାସ୍ତାରୋକ କରିଥିଲେ। ପୁଇଁନ୍ତଲା ଥାନା ଡୁମ୍ବେରବାହାଲ ଗାଁର ରମାକାନ୍ତ ନାଏକ ନିଜ ସ୍ତ୍ରୀ ବୀଣାପାଣି ନାଏକ ଓ ଦେଢ଼ ବର୍ଷର ପୁଅ ସହ ବାଇକ୍‌ରେ ବଲାଙ୍ଗିର ପଟକୁ ଆସୁଥିଲେ। ଏକ ପିକ୍‌ଅପ୍ ଭ୍ୟାନ ଦ୍ରୁତ ଗତିରେ ଆସି ବାଇକକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରମାକାନ୍ତ ଏବଂ ଦେଢ଼ ବର୍ଷର ପୁଅର ଜୀବନ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ରମାକାନ୍ତଙ୍କ ସ୍ତ୍ରୀଙ୍କୁ ବଲାଙ୍ଗିର ଓ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୀଣାପାଣି ଆଖି ବୁଜିଛନ୍ତି। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଟୋଲଗେଟ ନିକଟରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ପୁଇଁତଲା ପୁଲିସ ପିକ୍‌ଅପ୍‌କୁ ଜବତ କରିଛି। ଡ୍ରାଇଭର ଓ ମାଲିକଙ୍କୁ ଅଟକ ରଖିଛି।

## ସରକାରୀ ମହିଳା ମହାବିଦ୍ୟାଳୟରେ ବାର୍ଷିକ ପତ୍ରିକା 'ଅନନ୍ୟା' ବିତରଣ

**ବଲାଙ୍ଗିର, ୧୪।୪(ସମିସ):** ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ରୁ ସ୍ନାତୋକୋତ୍ତର ପର୍ଯ୍ୟନ୍ତ ସମସ୍ତ କଳା ଓ ବିଜ୍ଞାନ ବିଭାଗ ଛାତ୍ରୀଙ୍କୁ ବାର୍ଷିକ ପତ୍ରିକା 'ଅନନ୍ୟା' ବିତରଣ କରାଯାଇଛି। ଅଧ୍ୟକ୍ଷ ଡ. ଅରବିନ୍ଦ ଓଝା ଯୋଗଦେଇ ଛାତ୍ରୀମାନଙ୍କ ସାହିତ୍ୟିକ ପ୍ରତିଭାକୁ ପ୍ରଶଂସା କରିଥିଲେ। ଏପରି ସୃଜନଶୀଳ ପ୍ରୟାସ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ମୁଖ୍ୟ ଭୂମିକା ନେବ ବୋଲି କହିଥିଲେ। ପତ୍ରିକା ପ୍ରକାଶନ ପଛରେ ଥିବା ସମ୍ପାଦନାମଣ୍ଡଳୀର ଡ. ସଦାଶିବ ମଲ୍ଲିକ, ରତିକାନ୍ତ ନାଏକ, ଡ. ଅନୁରାଧା ମିଶ୍ରଙ୍କୁ ଧନବାଦ ଜଣାଇଥିଲେ। ଅତିଥି ଅଧ୍ୟାପକ ଆଦର୍ଶ ମହାପାତ୍ର ଓ ସିଦ୍ଧାର୍ଥ ଦାଶ ଏହାର ପ୍ରଚ୍ଛଦ ପୃଷ୍ଠା ପାଇଁ ଅଳଙ୍କରଣ ଦାୟିତ୍ୱ ନିର୍ବାହ କରିଥିଲେ।

## ଭୂମିକା ପକ୍ଷରୁ ବିଷୁବୋତ୍ସବ

**ବଲାଙ୍ଗିର, ୧୪।୪(ସମିସ):** ବଲାଙ୍ଗିରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ସଂଗଠନ 'ଭୂମିକା'ର ପ୍ରତିଷ୍ଠାତା ଛନ୍ଦାଚରଣଙ୍କ ସ୍ମୃତିରେ ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲ ପରିସରରେ ବିଷୁବୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୂମିକାର ସଭାପତି ଅଖିଳ ଚନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ନିମନ୍ତ୍ରୀତ କବିମାନେ କବିତା ଆବୃତ୍ତି କରିଥିଲେ। ସେହିପରି ଗାଳ୍ପିକମାନେ ଗଳ୍ପ ପାଠ କରିଥିଲେ। କବି ବିଜୟ ତ୍ରିପାଠୀ ସଂଯୋଜନା କରିଥିଲେ। ନାଦ ନିକୁଞ୍ଜ କଳା ଅନୁଷ୍ଠାନର କୁନି କଳାକାରଙ୍କ ଦ୍ୱାରା ମଙ୍ଗଳାଚରଣ ପରିବେଷିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ କବି ଡ. ମଞ୍ଜୁବାଳା ପଣ୍ଡାଙ୍କୁ 'ଭୂମିକା ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଶକ୍ତି ଦତ୍ତ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଶେଷରେ ଭୂମିକାର ଉପ ସଭାପତି ନିଗମାନନ୍ଦ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଭୂମିକାର ଉପଦେଷ୍ଟା ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ଓ ଭୂମିକା ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ବିଧାୟକ ରଘୁନାଥ ଜଗଦଲାଙ୍କୁ ବଜରଙ୍ଗଦଳର ତୀବ୍ର ବିରୋଧ

**ବୀରମହାରାଜପୁର, ୧୪।୪(ସମିସ):** ବୀରମହାରାଜପୁରରେ ହନୁମାନ ଜୟନ୍ତୀରେ ବିଧାୟକ ରଘୁନାଥ ଜଗଦଲାଙ୍କୁ ବଜରଙ୍ଗଦଳ ତୀବ୍ର ବିରୋଧ କରିଛି। ସନ୍ଧ୍ୟାରେ ବଜରଙ୍ଗ ଦଳ ଶୋଭାଯାତ୍ରାରେ ଯୋଗ ଦେବା ପାଇଁ ବିଧାୟକ ପହଞ୍ଚି ଥିଲେ; ହେଲେ ତାଙ୍କୁ ବିରୋଧ କରାଯାଇଥିଲା। ସେ ନ ଗଲେ ଶୋଭାଯାତ୍ରା ହେବ ନାହିଁ ବୋଲି କର୍ମକର୍ତ୍ତା ଜିଦ୍ ଧରିଥିଲେ। ଏଣୁ ବାଧ୍ୟ ବିଧାୟକ ଫେରିଯିବାକୁ ବାଧ୍ୟ ହୋଇଥିଲେ। ଏହାପରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବଜରଙ୍ଗ ଦଳ ସଂଯୋଜକ ପ୍ରକାଶ ପଧାନଙ୍କ ନେତୃତ୍ୱରେ ନୀଳାମ୍ବର ହୋତା, ଅଂଶୁମାନ ପଣ୍ଡା, ଶୁଭମ ପ୍ରିତମ ହୋତା, ରାକେଶ ବାରିକ, ଅବିନାଶ ଥନାପତି, ରମାକାନ୍ତ ହୋତା, ଅବନିଶ ହୋତା, ତ୍ରିନାଥ ସାହୁ, ଦୁର୍ଯ୍ୟୋଧନ ମେହେରଙ୍କ ସମେତ ଶତାଧିକ ବଜରଙ୍ଗୀ ଏଥିରେ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ମାଜିଷ୍ଟ୍ରେଟ ଭାବେ ଆଡିସନାଲ କଲେକ୍ଟର ପ୍ରିତମ ମହାନ୍ତି, ସହକାରୀ ଆରକ୍ଷୀ ଅଧୀକ୍ଷକ କେ ହରି ପ୍ରସାଦ, ପ୍ରତାପ ରଣା, ଆଇଆଇସି ସାରଙ୍ଗଧର ପାଣିଗ୍ରାହୀଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

# ଘର ଭିତରେ ପଶିଗଲା ପିକ୍‌ଅପ୍

ଗାଡି ଚାଳକ, ସହଯୋଗୀ ଗୁରୁତର



ଜହ୍ନାପଙ୍କ, ୧୪।୪(ସମିସ)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସାମ୍ନାରେ ଭୟଙ୍କର ଦୁର୍ଘଟଣା ଘଟିଛି। ଗୋଟିଏ ବୋଲେରୋ (ପିକ୍‌ଅପ୍) ଭାରସାମ୍ୟ ହରାଇ ଜଣକୁ ଘର ଭିତରକୁ ପଶି ଯାଇଛି। ଚାରିଶମ୍ଭୁ ମନ୍ଦିରରେ ଟେଣ୍ଟ କାମ କରିବାକୁ ବୌଦ୍ଧ ବ୍ଲକ ମୃଣ୍ଟୁଣ୍ଡୀ ପଞ୍ଚାୟତ ଡାଙ୍ଗପଡ଼ାର ଏହି ଗାଡି ( ଓଡି ୨୭ ବି ୫୧୧୩) ଟି ବିଭିନ୍ନ ଜିନିଷ ଧରି ଯାଉଥିଲା। ଏହି ସମୟରେ ଜହ୍ନାପଙ୍କ ପଟୁ ଅନ୍ୟ ଏକ ଗାଡ଼ି ବୋଲେରୋ ସାମ୍ନାକୁ ମାଡି ଅସିଥିଲା। ସେହି ଗାଡିକୁ ବଞ୍ଚାଇବାକୁ ଯାଇ ଡ୍ରାଇଭର ବାମ ପଟକୁ କାଟି ଦେଇଥିଲେ। ଏଥିରେ ଗାଡିଟି ଭାରସାମ୍ୟ ହରାଇ ରବୀନ୍ଦ୍ର ମେହେରଙ୍କ ଘରର କାନ୍ଥ ଭାଙ୍ଗି ଭିତରକୁ ପଶି ଯାଇଥିଲା। ରବୀନ୍ଦ୍ରଙ୍କ ଘରର ଗ୍ରିଲ୍ ସହ ଘର କାନ୍ଥ ଭାଙ୍ଗି ଯାଇଛି। ସୌଭାଗ୍ୟ ବଶତଃ ସେଇ ଘରେ କେହି ନ ଥିଲେ। ତେବେ ଗାଡି ଚାଳକ ମଧୁପୁର ଗ୍ରାମର ସତ୍ୟ ପ୍ରଧାନ (୨୩) ଓ ବଡ଼ଝାରକଟା ଗ୍ରାମର ଧିରେନ ବିଶି (୨୦) ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ସତ୍ୟଙ୍କ ବାମ ହାତ ଭାଙ୍ଗିଥିବା ବେଳେ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ପରେ ଭୁବନେଶ୍ୱର ଏମ୍ସ ପଠା ଯାଇଛି। ଜହ୍ନାପଙ୍କ ପାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।

## ସୋନପୁରରେ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି

**ତରଭା, ୧୪।୪(ସମିସ):** ସୋନପୁର ପଞ୍ଚାୟତ ସମିତି ଦ୍ୱାରା ସୋନପୁର ଟାଉନ ହଲ୍‌ରେ ଓଡିଆ ନବ ବର୍ଷ ଏବଂ ପଣା ସଂକ୍ରାନ୍ତି ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ସୋନପୁର ବିଡିଓ ପ୍ରତୀକ କର ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ରଙ୍ଗୋଲି, ଝୋଟି, ହୁଳହୁଳି ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ମନମୁଣ୍ଡାରେ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ



**ମନମୁଣ୍ଡା, ୧୪।୪(ସମିସ):** ମନମୁଣ୍ଡାରେ ଆଜି ଓଡ଼ିଆ ନବ ବର୍ଷ ସହ ମହାବିଷୁବ ପଣା ସଂକ୍ରାନ୍ତି ଏବଂ ଶ୍ରୀରାମ ଭକ୍ତ ପ୍ରଭୁ ହନୁମାନଙ୍କ ଜୟନ୍ତୀ ହର୍ଷ ଉଲ୍ଲାସ ମହାସମାରୋହ ସହ ଧୁମଧାମରେ ପାଳିତ ହୋଇଯାଇଛି। ଆଜି ସକାଳ ସମୟରୁ ସ୍ଥାନୀୟ ଶ୍ରୀ ଦଧିବାମନ, ଶ୍ରୀ ସୁବର୍ଣ୍ଣମେରୁ, ଶ୍ରୀରାମ ମନ୍ଦିର ଏବଂ ବିଶେଷ କରି ହନୁମାନ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ମନ୍ଦିରରେ ପଣା ସଂକ୍ରାନ୍ତି ଉପଲକ୍ଷେ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ ମନ୍ଦିର ଦର୍ଶନ ସହ ପୂଜାରେ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ ମନ୍ଦିରରେ ଭକ୍ତଙ୍କୁ ପଣା ପ୍ରସାଦ ପ୍ରଦାନ କରାଯାଇଥିଲା। ସାଧାରଣ ଲୋକଙ୍କ ପାଇଁ ପଣା ଛତ୍ର ମଧ୍ୟ ଖୋଲାଯାଇଥିବା ଦେଖିବାକୁ ମିଳିଥିଲା। ଆଜିର ଦିନକୁ ଓଡ଼ିଆ ନବ ବର୍ଷ ଭାବେ ପାଳନ କରାଯାଉଥିବାରୁ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ଓଡ଼ିଆ ନବ ବର୍ଷ ଶୁଭେଚ୍ଛା ଜଣାଇ ଏହାର ମହତ୍ତ୍ୱକୁ ଉଜାଗର କରିଥିଲେ। ଆଜି ହନୁମାନ ଜୟନ୍ତୀ ଉପଲକ୍ଷେ ହନୁମାନ ମନ୍ଦିରରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ହନୁମାନ ଧ୍ୱଜା ସହ ଭକ୍ତମାନେ ମନମୁଣ୍ଡାରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରିଥିଲେ। ବାସୁଦେବପାଲି, ସୁବର୍ଣ୍ଣପାଲି, ଦେଉଲି, ମନମୁଣ୍ଡା ପରିକ୍ରମା କରିଥିଲେ। ମନମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରର ପଞ୍ଚମ ଶ୍ରେଣୀ ଛାତ୍ର ପ୍ରିୟାଂଶୁ ହୋତା ହନୁମାନ ବେଶ ଧାରଣ କରିଥିଲେ।

## ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ହନୁମାନ ଜୟନ୍ତୀ

**ପାଟଣାଗଡ଼, ୧୪।୪(ସମିସ):** ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର ମିଳିତ ଆନୁକୂଲ୍ୟରେ ପାଟଣାଗଡ଼ଠାରେ ମହାସମାରୋହରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ସକାଳ ୧୦ ଟା ସମୟରେ ସ୍ଥାନୀୟ ବଳଦେବଜୀଉ ମନ୍ଦିରଠାରେ ପାଟଣାଗଡ଼ ତଥା ଅଞ୍ଚଳରୁ ଆସିଥିବା ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇଥିଲେ। ସେଠାରେ ହନୁମାନ ଚାଳିଶା ପଠନ ପରେ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପହଞ୍ଚି ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସହରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଜୟ ଶ୍ରୀରାମ ଧ୍ୱନି ନାରାବାଜି ଦେଇ ସମସ୍ତେ ସହରର ମୁଖ୍ୟ ରାସ୍ତାଦେଇ ପଞ୍ଚମୁଖି ହନୁମାନ ମନ୍ଦିରରେ ପହଞ୍ଚିଥିଲେ। ସହରର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁ ପଣା, ଜଳ, ଭୋଗ ଆଦି ବଣ୍ଟନ କରିଥିଲେ। ବଜରଙ୍ଗ ଦଳ ବ୍ଲକ ସଭାପତି ପ୍ରତାପ ସିଂ ବୁଡ଼େକ, ନଗର ସଭାପତି ଶଙ୍କର ରାଉତ, ବିଶ୍ୱ ହିନ୍ଦୁ ପରିଷଦ ସଭାପତି ବ୍ରଜକିଶୋର ଠାକୁର, ପ୍ରଖଣ୍ଡ ଉପସଭାପତି ସୁଧୀର ସାହୁ, ଗୋରକ୍ଷା ପ୍ରମୁଖ କାର୍ତ୍ତିକ ରାହା ପ୍ରମୁଖ ନେତୃତ୍ୱ ନେଇଥିଲେ।



## ବାବା ପଶ୍ଚିମେଶ୍ୱରଙ୍କ ଚୈତ୍ର ଦଣ୍ଡଯାତ୍ରା ଉଦ୍‌ଯାପିତ

**ଜହ୍ନାପଙ୍କ, ୧୪।୪(ସମିସ):** ବୌଦ୍ଧ ଜିଲ୍ଲାର ଐତିହାସିକ ଗନ୍ଧରାଡ଼ି (ଚାରିଶମ୍ଭୁ) ପୀଠରେ ଗତ ମାସ ୨୨ ତାରିଖରୁ ଆରମ୍ଭ ହୋଇଥିବା ଚୈତ୍ର ଦଣ୍ଡ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ବାବା ସିଦ୍ଧେଶ୍ୱର, ଜାଗେଶ୍ୱର, ପଶ୍ଚିମ ସୋମନାଥ, କପିଳେଶ୍ୱର, ମା' ଭଦ୍ରକାଳୀ ଓ ଶ୍ୟାମାକାଳୀନଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଦଣ୍ଡ ଉଠିଥିଲା। ୨୧ ଦିନ ଧରି ଦିନ ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ଆଜି ଠାକୁର ମନ୍ଦିର ପ୍ରବେଶ କରିଛନ୍ତି। ରବିନା କ୍ଷେତିଙ୍କ ତତ୍ତ୍ୱାବଧାନରେ ଉଠିଥିବା ଏହି ଦଣ୍ଡରେ ମୁଖ୍ୟ ପାଟଭୋକ୍ତା ଭାବେ ପରିକ୍ଷିତ ସ୍ୱାଇଁ, ବିଣାକାର ଭାବେ ଶିଶିର କଳତା, ମୁନା ବେହେରା, ସନ୍ତୋଷ ବେହେରା, ଜଳନ୍ଧର ପ୍ରଧାନଙ୍କ ସହ ତେର ଭୋକ୍ତା ଓ ଗୁହାରିଆମାନେ ସାମିଲ ହୋଇ ଠାକୁରଙ୍କୁ ନେଇ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ସେହିପରି ଚାରିଶମ୍ଭୁ ପୀଠରୁ ବାହାରିଥିବା ନୂଆ ଓ ପୁରୁଣା ଦଣ୍ଡପାର୍ଟି ଏବଂ ଚତୁର୍ଭୁଜ ଖମାରୀଙ୍କ ତତ୍ତ୍ୱାବଧାନରେ ପଶ୍ଚିମ ସୋମନାଥ ମନ୍ଦିରରୁ ବାହାରିଥିବା ଦଣ୍ଡ ପାଟି ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ସୁଶୀଳ ପାଣିଗ୍ରାହୀ, ସୁବାସ ଖମାରୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମଙ୍ଗଳବାର ପଣାସଂକ୍ରାନ୍ତି ଦିନ ମେରୁ ଯାତ୍ରା କରି ଏହାର ଉଦ୍‌ଯାପନ କରାଯାଇଛି। ସକାଳେ ଠାକୁର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଜହ୍ନାପଙ୍କ, ନାରାୟଣନଗର, ଲକ୍ଷ୍ମୀପ୍ରସାଦ, ଚାରିଶମ୍ଭୁ ଆଦି ସ୍ଥାନରେ ଲୋକେ ବନ୍ଦାପନା କରିଥିଲେ। ଏହା ପରେ ମନ୍ଦିରରେ ପାଣିଦଣ୍ଡ, ଧୂଳିଦଣ୍ଡ, କାମନା ଦଣ୍ଡ, ଅଗ୍ନି ଦଣ୍ଡ କରାଯାଇ ଯାତ୍ରା ଉଦ୍‌ଯାପିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ବୌଦ୍ଧ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅନ୍ୟପଟେ ଚଣ୍ଡୀଗଡ଼, ଚଣ୍ଡୀତଲ, ଦାମୋଦରପୁର, କମିରା, କୃଷ୍ଣପାଲି, ଗୋଛାପଡ଼ା, ଗମ୍ଭାରୀପଦର, ପଦ୍ମନପୁର ଗ୍ରାମର ଶୈବପୀଠଗୁଡ଼ିକରେ ଉଠିଥିବା ଦଣ୍ଡ ଯାତ୍ରା ବି ଆଜି ଉଦ୍‌ଯାପିତ ହୋଇଛି।

## ପଥର୍ଲାରେ ଅଷ୍ଟପ୍ରହର ନାମଯଜ୍ଞ

**ଶଗଡ଼ା, ୧୪।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ପଥର୍ଲା ଗ୍ରାମର ହନୁମାନ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ପ୍ରାତଃ ସମୟରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା କଳସୀ ଧରି ନିକଟସ୍ଥ ତେଲନଦୀରୁ ଜଳ ଆଣିବା ପରେ ପୂଜାର୍ଚ୍ଚନା ସହ ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ଜିତେନ୍ଦ୍ର ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲେ। ହନୁମାନ ମନ୍ଦିରର ପୂଜକ ତରଣିସେନ୍ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିବର୍ଷ ଭଳି ଏବର୍ଷ ଏହି ନାମଯଜ୍ଞ ଆରମ୍ଭ ହେବା ସହ ପଥର୍ଲା ଗ୍ରାମବାସୀ ସହଯୋଗ କରିଥିଲେ।

## ହନୁମାନ ଜୟନ୍ତୀ, ବିଷୁବ ସଂକ୍ରାନ୍ତି

**ଡୁଙ୍ଗୁରିପାଲି, ୧୪।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଅଞ୍ଚଳର ପୁରପିଲ୍ଲୀରେ ମଙ୍ଗଳବାର ମହା ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଧୁମ୍‌ଧାମ୍‌ର ସହ ପାଳିତ ହୋଇଛି। ଏହି ଅବସରରେ ଡୁଙ୍ଗୁରିପାଲି ସହର ଓ ପଣ୍ଡକିଟାଲଠାରେ ବଜରଙ୍ଗ ଦଳ ପକ୍ଷରୁ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଡୁଙ୍ଗୁରିପାଲି ଶିବାନନ୍ଦପଡ଼ା ହନୁମାନ ମନ୍ଦିର, ରିକସା ସଂଘ, ଲରିଆବାହାଲ ମନ୍ଦିର ସହ ସହଲାଠାରେ ହନୁମାନ ଜୟନ୍ତୀ କମିଟି ଓ ଗ୍ରାମବାସୀଙ୍କ ଉଦ୍ୟମରେ ସହଲା କେନାଲ ଛକ ହନୁମାନ ମନ୍ଦିର ପ୍ରାଙ୍ଗଣରେ ମହା ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଆଡମ୍ବର ସହ ପାଳିତ ହୋଇଛି। ସକାଳୁ ସୂର୍ଯ୍ୟପୂଜାଠୁ ଆରମ୍ଭ କରି ୧୦୮ ହନୁମାନ ଚାଳିସା ପାଠ ସହ ହୋମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୀର୍ତ୍ତନ ବୈଠକି ଓ ରାମଲୀଳା, ପରାୟଣ ଆୟୋଜନ କରାଯାଇଥିଲା। ନୂଆଁପାଲି ଓ ଖଲିଆପାଲି ବୈଠକୀ ଦଳ ଯୋଗ ଦେଇଥିଲେ। ସନ୍ଧ୍ୟାରେ ରାମଲୀଳା ଆୟୋଜନ ହୋଇଥିଲା। ତତଫାନ୍ ପ୍ରଧାନ, ହରି ପ୍ରଧାନ, ସୁଶାନ୍ତ ମେହେରଙ୍କ ସହ ଗ୍ରାମବାସୀ ସହୋଯାଗ କରିଥିଲେ।

